## ଆଗକୁ ପୌର ନିର୍ବାଚନ...

# ନେତାଙ୍କୁ ତାଗିଦ୍ କରିବ ୱାଇଏସ୍‌ଡିର ଜନଇସ୍ତ

ବ୍ରହ୍ମପୁର(ବ୍ୟୁରୋ):

ମାତ୍ର ହାତ ଗଣତିରେ କିଛି ଦିନ ପରେ ଅନୁଷ୍ଠିତ ହେବ ବ୍ରହ୍ମପୁର ମହାନଗର ର ନିର୍ବାଚନ। ବର୍ତ୍ତମାନ ଏହାକୁ ନେଇ ସହରରେ ରାଜନୈତିକ ମହଲ ଉଠୁଛି ପଡୁଛି। ତେବେ ଆଗାମୀ ଦିନରେ ଜନସାଧାରଣଙ୍କ ଦୁଃଖକୁ ନେଇ ନେତାଙ୍କୁ ତାଗିଦ କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୁଥ ଫର ସୋସିଆଲ ଡ଼େଭଲପ ମେଣ୍ଟ ( ୱାଏସଡ଼ି ) ପକ୍ଷରୁ ଜନଶୁଣାଣୀ କରାଯାଇ ପ୍ରସ୍ତତ କରାଯାଇଛି ଜନଇସ୍ତିହାର। ଏହି ଜନଇସ୍ତିହାର ଯେଉଁ ଦଳ କ୍ଷମତାକୁ ଆସିବ ସେମାନେ ବିଶେଷ କରି କେଉଁ କେଉଁ ବିକାଶ ମୂଳକ ବିଷୟ ଗୁଡ଼ିକୁ ଧ୍ୟାନ ଦେବା ଆବଶ୍ୟକ ସେଥିପାଇଁ ଏକ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବିଗତ ଦିନ ମାନଙ୍କରେ ବ୍ରହ୍ମପୁର ସହରରେ ଲୋକ ମାନଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ କରିବା ପାଇଁ ନା ରାଜନୈତିକ ଦଳ ତରଫରୁ ଇସ୍ତାହାର ପ୍ରସ୍ତୁତ ହୋଇଛି ନା ସେମିତି କିଛି ଆଖିଦୃଷ୍ଟିଆ ଆଲୋଚନା କରାଯାଇଛି। ଏହି ସମସ୍ୟା ଗୁଡ଼ିକୁ ଗୁରୁତ୍ୱ ଦେଇ ନିର୍ବାଚନ ସମୟରେ ଲୋକକୈନ୍ଦ୍ରିକ ସମସ୍ୟା ଗୁଡ଼ିକୁ ଏକତ୍ରିତ କରାଯାଇ ଏକ ଜନଇସ୍ତିହାର ମାଧ୍ୟମରେ ରାଜନୈତିକ ଦଳ ମାନଙ୍କୁ ଅବଗତ କରାଇବା ପାଇଁ ପ୍ରଚେଷ୍ଟା କରାଯାଇଛି। ଏହା ଦ୍ୱାରା ଲୋକ ମାନେ ନିଜ ଅଞ୍ଚଳ ପ୍ରାର୍ଥୀ ମାନଙ୍କୁ ଓ ରାଜନୈତିକ ଦଳ ମାନଙ୍କୁ ସୁଶାସନ ଏବଂ ବିକାଶ ନିଶ୍ଚିତ କରାଇବା ପ୍ରଭାବିତ କରାଇ ପାରିବ।

ୟୁଥ ଫର ସୋସିଆଲ ଡ଼େଭଲେପମେଣ୍ଟ ତରଫରୁ ୨୦ ଟି ବସ୍ତି ଅଞ୍ଚଳର ଲୋକ ମାନଙ୍କୁ ନେଇ ୨୦ ଟି ଜନଶୁଣାଣି ଗତ ୧୬ ତାରଖରୁ ୨୬ ତାରିଖ ମଧ୍ୟରେ ଆୟୋଜନ କରାଯାଇଥିଲା । ଏହି ଜନଶୁଣାଣୀରେ ଲୋକ ମାନେ ନିଜ ଅଞ୍ଚଳର ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସୁଶାସନ ଓ ବିକାଶ ପାଇଁ କିଛି ଦାବୀ ଉପସ୍ଥାପନ କରିଥିଲେ। ଶେଷରେ ଏକ ଜନଇସ୍ତିହାର ପ୍ରସ୍ତୁତ କରାଯାଇ ଜନସାଧାରଣ, ନାଗରିକ ଓ ବିଶେଷଜ୍ଞ ମାନଙ୍କ ଅବଗତ କରାଯାଇଥିଲା ଓ ଏହାର ପ୍ରାସଙ୍ଗିକତା ଉପରେ ଆଲୋଚନା କରାଯାଇଥିଲା। ଠିକ ସେହିପରି ବସ୍ତି ଅଞ୍ଚଳର ଶିଶୁ ମାନେ ସେମାନଙ୍କ ଗୁଡିକୁ ପ୍ରାଥମିକତା ଭିତ୍ତିରେ ୧୦ଟି ମୁଖ୍ୟ ସମସ୍ୟାକୁ ଆଧାର କରି ଏକ ଶିଶୁ ଇସ୍ତିହାର ପ୍ରସ୍ତୁତ କରାଯାଇଛି। ଆଗାମୀ ଦିନରେ ଏହି ଦୁଇଟି ଇସ୍ତିହାର ରାଜନୈତିକ ଦଳ ମାନଙ୍କ ପ୍ରଦାନ



କରାଯିବ ବୋଲି ଜଣାପଡ଼ିଛି। ଏହା ଏକ ଦୁଃଖର ସହରରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ବ୍ୟବସ୍ଥା ରହିଛି ଏବଂ ଲୋକ ମାନେ ପ୍ରତି ପାଞ୍ଚ ବର୍ଷକୁ ଥରେ ମହାନଗର ନିଗମ ପାଇଁ ସେମାନଙ୍କ ପ୍ରତିନିଧି ବାଛନ୍ତି। ନିର୍ବାଚନ ପରେ ନିର୍ବାଚନ ଗଡ଼ି ଚାଲିଛି। ରାଜନୈତିକ ଦଳ ମାନେ ନିର୍ବାଚନ ସମୟରେ ସେମାନଙ୍କ ଆଭିମୁଖ୍ୟ ନେଇ ଲୋକ ମାନଙ୍କ ପାଖକୁ ଯାଆନ୍ତି। ଲୋକ ମାନଙ୍କୁ ବିଭିନ୍ନ ବିକାଶ ମୂଳକ ପ୍ରତିଶ୍ରୁତି ଦିଅନ୍ତି କିନ୍ତୁ ପ୍ରକୃତରେ ସେହି ପ୍ରତିଶ୍ରୁତି ସେମାନଙ୍କ ଦ୍ୱାରା ପାଳନ ହୁଏ ନାହିଁ। ଯଦିଓ ସେମାନଙ୍କ ମଧ୍ୟରୁ ଅନେକ ବହୁବାର ନିର୍ବାଚିତ ହୋଇଛନ୍ତି। ବେଳେ ବେଳେ ଦେଖାଯାଏ ଯେ ରାଜନୈତିକ ଦଳ ଓ ପ୍ରାର୍ଥୀ ମାନଙ୍କର ସହର ପାଇଁ ନିର୍ଦ୍ଦିଷ୍ଟ ଭାବେ କିଛି ଆଭିମୁଖ୍ୟ ନଥାଏ। ଏହି କଥାକୁ ଆଖି ଆଗରେ ରଖି ସ୍ଥାନୀୟ ଯୁବ ସ୍ୱେଚ୍ଛା ସେବୀ ସଂଗଠନ ୟୁଥ ଫର ସୋସିଆଲ ଡ଼େଭଲପମେଣ୍ଟ ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମର ନିର୍ବାଚନ କୁ ଆଖି ଆଗରେ ରଖି ଏକ ଜନ ଇସ୍ତିହାର ପ୍ରସ୍ତୁତ କରାଯାଇଛି।

ବ୍ରହ୍ମପୁର ସହର ହେଉଛି ଓଡ଼ିଶାର ପ୍ରଥମ ମ୍ୟୁନିସିପାଲଟି ( ୧୮୫୫ରେ ସ୍ଥାପିତ) ଓ ଏହା ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସହର। ଏହି ସହର ବାସ କରନ୍ତ ପ୍ରାୟ ୫ ଲକ୍ଷ ଜନସାଧାରଣ। ଦକ୍ଷିଣ ଓଡ଼ିଶାର ବାଣିଜ୍ୟ, ଶିକ୍ଷା ଓ ସଂସ୍କୃତିର ପେଣ୍ଠ ସ୍ଥଳୀ। ନିମ୍ନ ମାନର ମୌଳିକ ସେବା, ଦୁର୍ବଳ ପ୍ରଶାସନିକ ସେବା ଓ ସମ୍ବଳର ଅଭାବରୁ ବ୍ରହ୍ମପୁର ସହର ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି ଓ ଏହାର ବିକାଶ ଅତି ପଛୁଆ ହୋଇ ପଡ଼ିଛି। ସହର ପାନୀୟ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥା ଦୀର୍ଘ ଦଶନ୍ଧିର ସମସ୍ୟା, ବର୍ଷା ଦିନୀୟ ଜଳ ଓ ମଇଳା ଜଳକୁ ନିଷ୍କାସନ ପାଇଁ ବ୍ୟବସ୍ଥିତ ଭାବରେ ନାଳ ନର୍ଦ୍ଦମାର ଅଭାବ, ଆବର୍ଜନା ବ୍ୟବସ୍ଥା ପରିଚାଳନାରେ ଗୁରୁତର ଅବ୍ୟବସ୍ଥା, ସହରର ପ୍ରାୟ ସମସ୍ତ ରାସ୍ତା ଖାଲ ଖମା ଓ କାଦୁଅରେ ପରିପୂର୍ଣ୍ଣ, ବସ୍ତି ଗୁଡ଼ିକୁ ମୌଳିକ ସୁବିଧା ଯୋଗାଇବାରେ ଚରମ ଅବହେଳା।

ଗରିବ ଲୋକଙ୍କ ପାଇଁ ଜୀବିକା ନିର୍ବାହ ପାଇଁ ସୁଯୋଗର ଅଭାବ, ସାମାଜିକ ଭେଦଭାବ, ବିକାଶ ନାମ କାର୍ଯ୍ୟକ୍ରମରେ ମହିଳା, ଯୁବଗୋଷ୍ଠୀ, ଶିଶୁ ଓ ଗରିବ ଶ୍ରେଣୀର ଲୋକ ମାନେ ଓ ବସ୍ତି ବାସିନ୍ଦା ମାନଙ୍କର କମ ଭାଗିଦାରୀ। ସାମର୍ଥ୍ୟହୀନଅମଲାତନ୍ତ୍ର, ବିଭିନ୍ନ କାର୍ଯ୍ୟକ୍ରମରେ

ନାଗରିକ ମା
ରାଜନୈତିକ
ବୈଶମ୍ୟ ଏବଂ
ମନ୍ଥରତା ପାଇଁ

ସହରରେ
ବ୍ୟବସ୍ଥା ରହିଛି
ବର୍ଷକୁ ଥରେ ମ
ପ୍ରତିନିଧି ବାଛନ୍ତି
ଚାଲିଛି। ରାଜ
ସମୟରେ ସେମ
ମାନଙ୍କ ପାଖକୁ
ବିକାଶ ମୂଳକ
ସେହି ପ୍ରତିଶ୍ରୁତି
ନାହିଁ। ଯଦିଓ
ବହୁବାର ନିର୍ବାଚି
ଦେଖାଯାଏ ଯେ
ମାନଙ୍କର ସହ
ଆଭିମୁଖ୍ୟ ନଥା
ରଖି ସ୍ଥାନୀୟ ଯୁ
ଫର ସୋସିଆଲ
ମହାନଗର ନିଗ
ରଖି ଏକ ଜନ

# ୱାଇଏସ୍‌ଡି ପକ୍ଷରୁ ଜନଶୁଣାଣି



ବ୍ରହ୍ମପୁର, ୨୬।୮ (ଇମିସ): ଗେଟ୍‌ବଜାରସ୍ଥିତ ଏନଜିଓ ହଲ୍ ଠାରେ ସୋମବାର ୟୁଥ୍ ଫର୍ ସୋସିଆଲ୍ ଡେଭଲପ୍‌ମେଣ୍ଟ୍ (ୱାଇଏସଡି) ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆଜି ଆଗାମୀ ବିଏମସି ନିର୍ବାଚନ ପାଇଁ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ବର୍ଗରୁ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଯୋଗ ଦେଇ ନାନା ସମସ୍ୟା ଉପରେ ସେମାନଙ୍କର ମତାମତ ରଖିଥିଲେ। ଏହାସହ ପ୍ରାଥମିକତା ଭିତ୍ତିରେ ସମସ୍ୟାର ସମାଧାନ ଏବଂ ସୁଶାସନ ଓ ବିକାଶ ପାଇଁ ଦାବି ଉପସ୍ଥାପନ କରିଥିଲେ। ଗତ ୧୬ ତାରିଖରୁ ଆୟୋଜିତ ୨୦ଟି ଜନଶୁଣାଣିକୁ ନେଇ ଜନ ଇସ୍ତାହାର ଏବଂ ଶିଶୁ ଇସ୍ତାହାର ପ୍ରସ୍ତୁତ ହୋଇଛି। ଆଗାମୀ ଦିନରେ ଏଗୁଡ଼ିକୁ ବିଭିନ୍ନ ରାଜନୈତିକ ଦଳର ଜନପ୍ରତିନିଧିଙ୍କୁ ପ୍ରଦାନ କରାଯିବ। ଯଦ୍ୱାରା ସମସ୍ୟାର ସମାଧାନ ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିବା ସମ୍ଭବପର ହେବ। ଇସ୍ତାହାର ଗଠନରେ ଦୁର୍ନୀତି ବିରୋଧୀ ମଂଚ, ଗଂଜାମ ଜିଲ୍ଲା ବିକାଶ ମଂଚ, ମାନବ ଅଧିକାର ସୁରକ୍ଷା ମଂଚ, ଗଂଜାମ ଜିଲ୍ଲା ବିକାଶ ପରିଷଦ, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ, ସଂସାର ଓ ପ୍ରୋଗ୍ରେସ୍ ସଂସ୍ଥା ସହଯୋଗ କରିଛନ୍ତି।

# “People’s manifesto” highlights priorities of common man

Staff Reporter

**BERHAMPUR:** Civil society activists of Berhampur have come up with a ‘people’s manifesto’ to put forward development priorities of the common man before the candidates and political parties.

Members of different social organisations got together in a meeting on Monday afternoon to discuss the points in the draft of this ‘people’s manifesto’. Youth for Social Development (YSD) had played a key role in the preparation of this ‘people’s manifesto’.

Twenty public hearings had been organized in 20 major slums of the city between Aug 16 and Aug 26 to gather views and aspirations of the downtrodden regarding the performance of Berhampur Municipal Corporation (BMC). Through the public hearings 16 key demands of common mass were collected. These demands were related to ‘governance and development’ in BMC area. This ‘people’s manifesto would be handed over to all political parties and candidates contesting the BMC elections, said Bibhu Prasad Sahu, secretary of the YSD.

A major issue that was taken up in this manifesto was formation of ‘ward sabha’ in every ward of the BMC to ensure participation of citizens in urban development and poverty alleviation programs. It may be noted that till now there are no ‘ward sabha’ in any ward of the city.

They also wanted more transparency in the income and expenditure of the BMC. It was demanded that all budget documents of the BMC should be made public and citizens as well as civic society of the city should be consulted during formulation of the budget.

The greatest priority of the common mass as per this people’s manifesto was improvement of public service delivery especially drinking water supply in this perennially water scarce city, better roads and maintenance of sanitation.

# ବିଏମ୍‌ସି ନିର୍ବାଚନ ପାଇଁ ନାଗରିକ ଇସ୍ତାହାର

ବ୍ରହ୍ମପୁର ଅଫିସ, ୨୬।୮: ପୌର ନିର୍ବାଚନ ପାଇଁ ପ୍ରାର୍ଥୀ ଓ ପ୍ରଶାସନ କଳ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଥିବା ବେଳେ ପ୍ରଥମଥର ପାଇଁ ବ୍ରହ୍ମପୁର ସହରର ନାଗରିକମାନେ ଦଳୀୟ ଇସ୍ତାହାର ପ୍ରସ୍ତୁତି ହେବା ପୂର୍ବରୁ ନିଜ ପକ୍ଷରୁ ଇସ୍ତାହାର ପ୍ରସ୍ତୁତି କରିଛନ୍ତି। ଏନେଇ ସ୍ଥାନୀୟ ୟୁଥ୍ ଫର ସୋସିଆଲ୍ ଡେ଼ଭଲେପ୍‌ମେଣ୍ଟ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ, ମାନବ ଅଧିକାର ସୁରକ୍ଷା ମଞ୍ଚ, ଗଞ୍ଜାମ ଜିଲ୍ଲା ବିକାଶ ପରିଷଦ, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ, ପ୍ରଭୃତି ସଂସ୍ଥାମାନଙ୍କ ଦ୍ୱାରା ସ୍ଥାନୀୟ ଗେଟ୍‌ବଜାର ସ୍ଥିତ ଏନ୍‌ଜିଓ ହଲ୍ ପରିସରରେ ସୋମବାର ସନ୍ଧ୍ୟାରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ସମସ୍ତ ବର୍ଗର ନାଗରିକଙ୍କ ସହ କିଛି ଶିଶୁ ମଧ୍ୟ ଯୋଗ ଦେଇଥିଲେ। ନାଗରିକମାନେ ନିଜ ନିଜ ପକ୍ଷରୁ ଆଗାମୀ ପୌର ନିର୍ବାଚନରେ ସେମାନଙ୍କର କ’ଣ ଦାବି ରହିଛି ଏବଂ ସେମାନେ ସହରକୁ କେଉଁଭଳି ଦେଖିବାକୁ ଚାହୁଁଛନ୍ତି ତାହା ନେଇ ମତ ପ୍ରକାଶ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ଏଥିରେ ଶିଶୁମାନେ ମଧ୍ୟ ଯୋଗ ଦେଇ ସେମାନଙ୍କ ସମସ୍ୟା ବିଷୟରେ ଜଣାଇଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବହୁ ନାଗରିକ ମତ ପ୍ରକାଶ କରିଥିଲେ ଯେ ବର୍ତ୍ତମାନ ସହରର ରାସ୍ତାଘାଟ ଜନସାଧାରଣଙ୍କ ପାଇଁ ସୁରକ୍ଷିତ ନୁହଁ। ବର୍ଷ ତମାମ ନାଗରିକମାନେ ଅସ୍ୱାସ୍ଥ୍ୟକର ବାତାବରଣରେ ଜୀବନ ଯାପନ କରୁଛନ୍ତି। ବୟୋବୃଦ୍ଧମାନଙ୍କ ଚିତ୍ତ ବିନୋଦନ ପାଇଁ କୌଣସି ବ୍ୟବସ୍ଥା ନାହିଁ। କୁନି କୁନି ଶିଶୁମାନଙ୍କ ମାନସିକ ଓ ଶାରିରୀକ ବିକାଶ ପାଇଁ ଆବଶ୍ୟକୀୟ ଖେଳ ପଡ଼ିଆ ନାହିଁ। ଅନେକ ନାଗରିକ ମତ ପ୍ରକାଶ କରିଥିଲେ ଯେ ଏହି ସହରକୁ ସୁନ୍ଦର




ଭାବେ ଗଢ଼ି ତୋଳିବା ପାଇଁ ଜନସାଧାରଣ ଆଗାମୀ ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ଦାବି କରନ୍ତୁ। ବ୍ରହ୍ମପୁର ସହରରେ ସୁଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ହେଉ। ସ୍ଥାନୀୟ ଲୋକେ ଶାନ୍ତି ଶୃଙ୍ଖଳାରେ ରହିବା ପାଇଁ ସହରକୁ ଅପରାଧ ମୁକ୍ତ କରାଯାଉ। ଏହି କାର୍ଯ୍ୟକ୍ରମରେ ୟୁଥ୍ ଫୋର ସୋସିଆଲ୍ ଡେ଼ଭଲାପ୍‌ମେଣ୍ଟର ଆବାହକ ବିଭୁ ପ୍ରସାଦ ସାହୁ ସଂଯୋଜକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ସହରର ବହୁ ବୁଦ୍ଧିଜୀବୀ, ସମାଜ ସେବୀ, ଗୃହିଣୀ ପ୍ରମୁଖ ଯୋଗ ଦେଇଥିଲେ।